# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ଯୀଶୁ ଓ ଜଖିୟ

ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଉପଯୋଜକ: Ruth Klassen

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।



ଦିନେ, ଯୀଶୁ
ଯିରହୋ ମଧ୍ୟଦେଇ
ଯାଉଥିଲେ । ଅନେକ
ଆଗରେ ଯିହୋଶୂୟ
ଏହି ନଗରକୁ ଧ୍ୱଂଶ
କରିଥିଲେ ।



ବର୍ତ୍ତମାନ୍ ପୁଣି ସେହି
ନଗରକୁ ଗଢ଼ାଯାଇଥିଲା
ଓ ଅନେକ ଲୋକ
ସେଠାରେ ବାସ
କରୁଥିଲେ । ସେମାନଙ୍କ
ମଧ୍ୟରୁ ଋଷିୟ
ନାମରେ ଏକ ବ୍ୟକ୍ତି
ମଧ୍ୟ ବାସ କରୁଥିଲେ ।



ହୋଇପାରେ ଯିରିହୋରେ ଅନ୍ୟ କେହିମଧ୍ୟ ଜଖିୟଙ୍କୁ ପସନ୍ଦ କରୁନଥିବେ କାରଣ ସେ କରଗ୍ରାହୀ ଥିଲେ ଓ ସେମାନଙ୍କଠାରୁ କର ଆଦାୟ କରୁଥିଲେ । ଜଖିୟ ସଂଚ଼ିତ କିଛି ଅଂଶ ସରକାରକୁ ଦେଉଥିଲେ ମାତ୍ର ବହୁମାତ୍ରାରେ ଧନ ନିଜ ନିଜପାଇଁ ରଖିଲେ ।

ସେ କରଗ୍ରାହି ଥିବାରୁ ଅତ୍ୟଧିକ ଧନୀ ହୋଇଗଲେ । ହୋଇପାରେ ତାଙ୍କ ଗୃହ ସେହି ସମାଜରେ ବୃହତ୍ତର ଓ ସୁନ୍ଦର ହୋଇଥିବ ।



କିନ୍ତୁ ସେ ବହୁତ ନୀଚ଼
ଥିଲେ-ଧନରେ ନୁହେ ମାତ୍ର
ଉଚ଼ତାରେ ସେ ବାଙ୍ଗର ଥିଲେ ।
ସେ ବଢ଼ି ନଥିଲେ, ଉଚ଼ତାରେ
ସେ ଅନ୍ୟ ଲୋକମାନଙ୍କ
ପରି ଲମ୍ବା ନଥିଲେ ।





ଯେତେବେଳେ ଯିରହୋକୁ
ଯୀଶୁଙ୍କ ଆସିଥିବା କଥା
ଜଖିୟ ଶୁଣିଲେ, ସେହି ଗେଡ଼ା ଜଖିୟ ଯୀଶୁଙ୍କୁ
ଦେଖିବାକୁ ଇଛା କଲେ ଯେ କି ନିଜକୁ ଇଶ୍ୱରଙ୍କ ପୁତ୍ର କହୁଥିଲେ ।
କିନ୍ତୁ ଲୋକମାନଙ୍କ ଭିଡ଼ ସକାଶୁଁ ... ଲୋକମାନେ ଉଚ଼ା ଥିଲେ ।



ଜଖିୟ୍ ଏକ ଉପାୟ୍ ଚ଼ିନ୍ତା କଲେ,

ଯଦି ସେ ଗହଳିର ଆଗକୁ ଯିବେ ...

ଏକ ଗଛରେ ଚଢ଼ିଲେ ଯାହା ରାସ୍ତା

ପାଖରେ ଥିଲା ... ସେଠାରୁ ସେ

ଯୀଶୁଙ୍କୁ ଦେଖି ପାରିବେ ।


ସେ ଏକ ଡିମ୍ବିରିଗଛରେ ଚଢ଼ିଲେ, ଜଖିୟ ସେଠାରେ
ଏକ ସୁନ୍ଦର ସ୍ଥାନ ପାଇ ଭଲଭାବରେ
ବସି ଯୀଶୁଙ୍କର ଅପେକ୍ଷା କଲେ ।
ସେ ଭାବିଥାଇ ପାରନ୍ତି ସେଠାରୁ
ମୁଁ ଭଲ ଭାବରେ ଦେଖି ପାରିବି ।
ସେ ଭାବୁଥିଲା କେହିମଧ୍ୟ
ମତେ ଦେଖିବେ
ନାହିଁ ମାତ୍ର ମୁଁ
ଯୀଶୁଙ୍କୁ ଦେଖି ପାରିବି ।

ଜକ୍ଷିୟ, ଶିଘ୍ର ଓହ୍ଲାଇ ଆସ । ସେହି ଛୋଟ କରଗ୍ରାହୀ ନିଜ କାନକୁ ବିଶ୍ୱାସ କରି ପାରିଲେ ନାହିଁ । ଯୀଶୁ ସେହି ଗଛ ମୂଳରେ ଛିଡ଼ାହୋଇଥିଲେ । ଯୀଶୁ ତାହାଙ୍କୁ ଅନାଇଥିଲେ । ଯୀଶୁ ତାଙ୍କୁ ଡାକୁଛନ୍ତି ।





# ଯଦି ଜକ୍ଷିୟ ଯୀଶୁଙ୍କ

ଡାକ ଶୁଣି ଆଶ୍ଚର୍ଯ୍ୟ ହୋଇଥିଲେ,
ସେ ନିଶ୍ଚିତ ଭାବରେ ଚ଼ମକି
ଯାଇଥିବେ ଯେତେବେଳେ ଯୀଶୁ
ତାହାଙ୍କୁ କହିଲେ, ମୋତେ ଅବଶ୍ୟ
ତୁମ୍ଭ ଘରେ ରହିବାକୁ ହେବ ।
ଜକ୍ଷିୟ ଏତେ ଶିଘ୍ର ଓହ୍ଲାଇଲେ ଯେ
ସେ ପଡ଼ିବା ଉପରେ ଥିଲେ ।

ଜଖିୟ ହୃଦୟ ଆନନ୍ଦରେ ଭରିଗଲା କାରଣ ଯୀଶୁ ତାଙ୍କ ଗୃହକୁ ଯାଉଛନ୍ତି । କିନ୍ତୁ ଅନେକ ଲୋକ ଏହା ପସନ୍ଦ କଲେନାହିଁ । ସେମାନେ ବଚସା କରି କହିବାକୁ ଲାଗିଲେ, ସେ ଜଖିୟ ପରି ଜଣେ ପାପୀ ଲୋକର ଗୃହକୁ ଗଲେ ।





ଯୀଶୁ ଜଖିୟଙ୍କ ଜୀବନରେ
ନୂତନ ଜୀବନ ଆଣିଲେ ।
ଜଖିୟ କହିଲେ, ହେ ପ୍ରଭୁ,
ମୁଁ ମୋହର ଅର୍ଦ୍ଧେକ
ସମ୍ପତ୍ତି ଦରିଦ୍ରମାନଙ୍କୁ
ଦାନ କରିବି । ଆଉ ଯଦି
ଅନ୍ୟାୟରେ କାହାରିଠାରୁ
କିଛି ନେଇଥାଏ ତେବେ
ଚାରିଗୁଣରେ ତାହା
ଫେରାଇ ଦେଉଅଛି ।

ଯୀଶୁ ଜକ୍ଷିୟଙ୍କ ନୂତନ ଜୀବନରେ ସନ୍ତୁଷ୍ଟ ହେଲେ । ସେ ଲୋକମାନଙ୍କୁ ସେମାନଙ୍କର ପାପରୁ ଫେରି ଯାହା ଉତ୍ତମ ତାହା କରୁଥିବା ଦେଖିବାକୁ ଇଛା କରନ୍ତି । ଯୀଶୁ କହିଲେ, କାରଣ ଯାହା ହଜିଅଛି ତାହା ଖୋଜି ରକ୍ଷା କରିବାକୁ ମନୁଷ୍ୟପୁତ୍ର ଆସିଅଛନ୍ତି । ସେହିଦିନ ଘିରିହୋରେ ଯୀଶୁ ଜକ୍ଷିୟଙ୍କୁ ପାଇଲେ !



ଯୀଶୁ ଓ ଜଖିୟ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଲୂକ ୧୯

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ
ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି
ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ
ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ,
କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ
ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ
କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ
ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ ।
ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ
କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ ।
ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ
ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଈଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଈଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଈଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬